## ସଂକ୍ଷେପରେ

### ଦୁର୍ଘଟଣା: ଡ୍ରାଇଭରଙ୍କ ଗୋଡ଼ ଭାଙ୍ଗିଲା

ଭୁବନ, ୫।୧୦(ଡି.ଏନ୍.ଏ.): ଭୁବନ ଥାନା ନୀଳକଣ୍ଠପୁର ଛକ ନିକଟରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଜଣେ ବସ୍ ଚାଳକଙ୍କ ଗୋଡ଼ ଭାଙ୍ଗିଯାଇଛି। ସେ ହେଲେ ଗଁଦିଆ ଥାନା ଚିଉଲପୁର ଗ୍ରାମର ଜିତୁ ନାୟକ। ଏକ ପିକ୍ଅପ୍ ଭ୍ୟାନ୍ ଢେଙ୍କାନାଳରୁ ଭୁବନ ଆସୁଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଘରୋଇ ବସ୍ 'ମହାଦେବ' ଧକ୍କା ଦେଇ ରାସ୍ତା ତଳକୁ ଖସିପଡ଼ିଥିଲା। ଏଥିରେ ଜିତୁଙ୍କ ଗୋଡ଼ ଭାଙ୍ଗିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଜିଲା ଚିକିତ୍ସାଳୟ ଭର୍ତ୍ତି କରାଯାଇଛି।

### ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

କଣିହାଁ, ୫।୧୦(ଡି.ଏନ୍.ଏ.): ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ ଅଧୀନ ଛେଳିଆ ଗ୍ରାମର ସତ୍ୟନାରାୟଣ ବେହେରା (୩୫) ମଙ୍ଗଳବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଭୋର୍ ସମୟରେ ଜଙ୍ଗଲ ନିକଟ ଚାଷଜମିକୁ ଯାଇଥିବାବେଳେ ସେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଏବଂ କାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ପ୍ରଥମେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି।

### ୧୧୭ ୟୁନିଟ୍ ରକ୍ତ ସଂଗ୍ରହ

ଖମାର,୫।୧୦(ଡି.ଏନ.ଏ.)-ପାଲଲହଡ଼ା ଉପଖଣ୍ଡ ଶଙ୍ଖମୁର ଲକ୍ଷ୍ମୀନାରାୟଣ ବିଦ୍ୟାପୀଠରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ, ଜୟ ବଜରଙ୍ଗବଳି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟର ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଗ୍ରାମ କମିଟି ସଭାପତି ଡିଲେଶ୍ୱର ଦାସ, ଭାଜପା ନେତା ଅଶୋକ ମହାନ୍ତି, ଗୌରଚନ୍ଦ୍ର ପ୍ରଧାନ, ବସନ୍ତ ମଞ୍ଜରୀ ପ୍ରଧାନ, ସୁବୋଧ ପାଣି, ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରିଥିଲେ। ଯୁବକ ସଂଘ ସଦସ୍ୟ କୃଷ୍ଣ ସାହୁ, ସିଦ୍ଧାନ୍ତ ବେହେରା, ଉଦୟନ ସ୍ୱାଇଁ, ଜଗାବଳିଆ ଦେହୁରୀ, ସୀତାରାମ ସାହୁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଖମାର କଲେଜରେ ଖୋଲିଲା ୨ ଅନର୍ସ ପାଠ୍ୟକ୍ରମ

ଖମାର,୫।୧୦(ଡି.ଏନ୍.ଏ.): ପାଲଲହଡ଼ା ଉପଖଣ୍ଡ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ କଲେଜରେ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ୩ କଳାରେ ସଂସ୍କୃତ ଏବଂ ବିଜ୍ଞାନରେ କମ୍ପ୍ୟୁଟର ସାଇନ୍ସ ଅନର୍ସ ପାଠ୍ୟକ୍ରମ ଆରମ୍ଭ ହେବ। ଏଥିରେ ନାମ ଲେଖାଇବା ପାଇଁ ମଙ୍ଗଳବାର ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅନୁମତି ପ୍ରଦାନ କରାଯାଇଛି। ଛାତ୍ରାଛାତ୍ର ଏବଂ ଅଭିଭାବକଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ କଲେଜ ଅଧକ୍ଷ ଡ.ଅକ୍ଷୟ କୁମାର ପଣ୍ଡା, ଅଧାପିକାଅଧାପକ, ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ.ଅରୁଣ କୁମାର ସାହୁ, ବିଧାୟକ ମୁକେଶ ପାଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବିଶ୍ୱ ଶିକ୍ଷକ ଦିବସ

ଗଁଦିଆ, ୫।୧୦: ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଶ୍ୱ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ ଚଞ୍ଚଳା କୁମାରୀ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ବରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପଦୋନ୍ନତି ପାଇ ଆସିଥିବା ଶିକ୍ଷକ ବିଜୟ କୁମାର ବରାଳଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଧାନ ଶିକ୍ଷକ ହରିହର ସାହୁ, ଶିକ୍ଷକ ବିମଳ କିଶୋର ବିହାରୀ, ଅଜିତ ରାଉତ, ଅନନ୍ତ ଚରଣ ଜେନା, ଶିକ୍ଷୟିତ୍ରୀ ହିରଣ୍ମୟୀ ପଣ୍ଡା, ଶର୍ମିଷ୍ଠା ବେହେରା, ସସ୍ମିତା ମହାନ୍ତି, ମଧୁମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଶିକାରୀ ଗିରଫ

ଢେଙ୍କାନାଳ ଅଫିସ, ୫।୧୦
ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ବ୍ରାହ୍ମଣୀ ନଦୀକୂଳ ଆମ୍ବପଡା କାଜୁ ପଡ଼ିଆ ନିକଟରୁ ସୋମବାର ସନ୍ଧ୍ୟାରେ ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ଶିକାର କରାଯାଇଥିବା ଏକ ବାର୍ହା ଜବତ କରାଯାଇଛି। ଅଭିଯୁକ୍ତ ହେଲେ ଗଁଦିଆ ଥାନା ଗୋରଡାପାଳ ଗ୍ରାମର ଲକ୍ଷ୍ମୀଧର ମଲ୍ଲିକ (୪୫) ଏବଂ କାମାକ୍ଷାନଗର ଥାନା ଜିରାଳ ଗ୍ରାମର ଅଭିରାମ ବେହେରା (୪୦)। ଅଭିଯୁକ୍ତଙ୍କ ନିକଟରୁ ବିଦ୍ୟୁତ୍ ତାର ଜବତ କରାଯାଇଛି।

# ହାତୀଙ୍କୁ ବିପଦ ବାର୍ହା ଫାଶ

**ବାର୍ହା ଶିକାରରେ ପର୍ଯ୍ୟାପ୍ତ ଲାଭ। ଏକଥାକୁ ଭଲଭାବେ ବୁଝିସାରିଲେଣି ଢେଙ୍କାନାଳ ଜିଲାର ପେସାଦାର ଶିକାରୀ। ଦେଶୀ ବନ୍ଧୁକରେ ଶିକାର କରିବା ସମୟ ସାପେକ୍ଷ ଏବଂ କଷ୍ଟସାଧ ହୋଇଥିବାରୁ ସେମାନେ ଏବେ ବିକଳ୍ପ ସ୍ୱରୂପ ବିଛାଉଛନ୍ତି ବିଦ୍ୟୁତ୍ ଫାଶ। ସଂରକ୍ଷିତ ଜଙ୍ଗଲ ଦେଇ ଟଣାଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସେମାନଙ୍କ ହୀନ ଉଦ୍ଦେଶ୍ୟକୁ ଆହୁରି ସହଜ କରିଦେଉଥିବାବେଳେ ଅନେକ ସମୟରେ ଏଥିରେ ଛନ୍ଦି ହୋଇ ହାତୀ ଭଳି ବିଶାଳକାୟ ପ୍ରାଣୀ ପଡୁଛନ୍ତି ମୃତ୍ୟୁମୁଖରେ। ବାର୍ହା ଫାଶ ହାତୀଙ୍କ ଜୀବନ ନେଉଥିବାବେଳେ ଏହାକୁ ରୋକିବା ବନ ବିଭାଗ ପାଇଁ ପାଲଟିଛି ସବୁଠୁ ବଡ଼ ଚ୍ୟାଲେଞ୍ଜ।**

- ବନ୍ୟପ୍ରାଣୀ ମାଂସ ପାଲଟିଛି ଲାଭଜନକ ବ୍ୟବସାୟ
- ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ଶିକାରୀ
- ୬ ବର୍ଷରେ ବିଦ୍ୟୁତ୍ ଆଘାତରେ ମଲେଣି ୨୫ ହାତୀ



ଢେଙ୍କାନାଳ ଅଫିସ, ୫।୧୦

ହାତୀଙ୍କ ଅକାଳ ମୃତ୍ୟୁକୁ ନେଇ ଦୁର୍ନାମ ମୁଣ୍ଡାଇଛି ଢେଙ୍କାନାଳ। ପ୍ରାକୃତିକ ଚଲାପଥ ଅବରୋଧ, ଆବାସସ୍ଥଳୀରେ ଖାଦ୍ୟାଭାବ, ରୋଗ, ସଂରକ୍ଷିତ ଜଙ୍ଗଲରେ ଶିକାର ଏଭଳି ଐତିହ୍ୟ ପ୍ରାଣୀଙ୍କ ଜୀବନକୁ ବିପନ୍ନ କରିଛି। ବାର୍ହା ମାଂସ ଲୋଭରେ ଶିକାରୀ ବିଛାଇଥିବା ବିଦ୍ୟୁତ୍ ଫାଶରେ ଛନ୍ଦି ହୋଇ ଗତ ୬ ବର୍ଷରେ ୨୫ ହାତୀଙ୍କ ମୃତ୍ୟୁ ଘଟିଛି। ଜିଲା ବନ ବିଭାଗ ପକ୍ଷରୁ ମିଳିଥିବା ଏହି ତଥ୍ୟ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ଶିକାରୀଙ୍କ ପ୍ରାଦୁର୍ଭାବକୁ ସ୍ପଷ୍ଟ କରିଛି। ଏହାର ସ୍ଥାୟୀ ପ୍ରତିକାର କରିବା ବର୍ତ୍ତମାନ ସମୟର ଆବଶ୍ୟକତା ହୋଇପଡ଼ିଥିବାବେଳେ ଏଥିଲାଗି ଗୁରୁତ୍ୱ ଦେବାକୁ ପରିବେଶବିତ୍ ଦାବି କରିଛନ୍ତି।

ଜିଲାରେ ୨୦୧୫-୨୧ ଅର୍ଥାତ୍ ୬ ବର୍ଷ ମଧ୍ୟରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ୨୫ ହାତୀଙ୍କ ମୃତ୍ୟୁ ଘଟିଛି। ସଦର ରେଞ୍ଜରେ ସର୍ବାଧିକ ୧୪, ହିନ୍ଦୋଳ ରେଞ୍ଜରେ ୭, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ୩ ଏବଂ ମହାବିରୋଡ ରେଞ୍ଜରେ ଗୋଟିଏ ହାତୀ ମୃତ୍ୟୁ ଏହି କାରଣରୁ ଘଟିଛି। ତେବେ ଗତ ୨ବର୍ଷରେ ହିନ୍ଦୋଳ ରେଞ୍ଜରେ ଏଭଳି ଦୁଃଖଦ ଘଟଣା ଅଧିକ ଘଟିଛି।

ଜିଲାର ପ୍ରମୁଖ ସଂରକ୍ଷିତ ଜଙ୍ଗଲରେ କିଛିବର୍ଷ ହେଲା ବାର୍ହାଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି। ବାର୍ହା ମାଂସରୁ ପର୍ଯ୍ୟାପ୍ତ ଲାଭ ହେଉଥିବାରୁ ଶିକାରୀମାନେ ଏଭଳି ବନ୍ୟଜନ୍ତୁଙ୍କୁ ଟାର୍ଗେଟ କରି ୧୧ କେଭି ବିଦ୍ୟୁତ୍ ତାରରୁ ହୁକ ଟାଣି ଫାଶ ବିଛାଉଛନ୍ତି। ଅଧିକାଂଶ ସମୟରେ ଏଥିରେ ପଡ଼ି ବାର୍ହାଙ୍କ ମୃତ୍ୟୁ ଘଟୁଥିବାବେଳେ ହାତୀଙ୍କ ଜୀବନ ମଧ୍ୟ ଯାଉଛି। ଅନ୍ୟପଟେ ହାତୀମୃତ୍ୟୁ ଘଟଣାରେ ଜଡ଼ିତ ଅଭିଯୁକ୍ତ ଏବଂ ପେସାଦାର ଶିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଧରାପଡ଼ି ଜେଲରୁ ଫେରିବା ପରେ ସେମାନେ ପୁନର୍ବାର ପ୍ରାଣୀ ଶିକାର କରୁଛନ୍ତି।

ନିକଟରେ ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ସମସ୍ତ ବନଖଣ୍ଡ ଅଧିକାରୀଙ୍କୁ କଡ଼ା ତାଗିଦା କରିଛନ୍ତି। ଏହାପରେ ଢେଙ୍କାନାଳ ଜିଲା ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ପକ୍ଷରୁ ଯୁଗ୍ମ ପାଟ୍ରୋଲିଂ କରାଯାଉଛି। ତେବେ କର୍ମଚାରୀ ଅଭାବ ଏବଂ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଶିକାରୀଙ୍କ ଉପଦ୍ରବ କମୁ ନ ଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଡିଏଫ୍ଓ ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ଜିଲାରେ ବର୍ଷକୁ ହାରାହାରି ୨ଟି ହାତୀ ବିଦ୍ୟୁତ୍ ଆଘାତରେ ମରୁଥିବା ନଜରକୁ ଆସିଛି। ଗତ ଦୁଇବର୍ଷରେ ହିନ୍ଦୋଳ ରେଞ୍ଜରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ଅଧିକ ହାତୀଙ୍କ ଜୀବନ ଯାଇଛି। ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟୁତ୍ ଆଘାତଜନିତ ହାତୀମୃତ୍ୟୁକୁ ରୋକିବା ଲାଗି ଶୂନ୍ୟ ସହନଶୀଳତା ଗ୍ରହଣ କରାଯାଉଛି। ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ରଖି ସକାଳୁ ସନ୍ଧ୍ୟା ଯାଏ ପାଟ୍ରୋଲିଂ କରାଯାଉଛି। ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଲାଇନ୍‌ରେ ହୁକ ପଡ଼ିଥିବା ଦୃଷ୍ଟିଗୋଚର ହେଲେ ତ୍ୱରିତ ପଦକ୍ଷେପ ନିଆଯାଉଛି। ବିଭାଗ ପକ୍ଷରୁ ଦୈନିକ ମନିଟିରିଂ ମଧ୍ୟ କରାଯାଉଥିବା ସେ ସୂଚନା ଦେଇଛନ୍ତି।

### ବାର୍ହା ମାଂସ କେଜି ୨୦୦

ଢେଙ୍କାନାଳ ଜିଲାର ଗ୍ରାମାଞ୍ଚଳରେ ବାର୍ହା ମାଂସ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଗୋଟିଏ ବାର୍ହାର ଓଜନ ୬୦ରୁ ୧୫୦ କେ.ଜି. ଯାଏ ହୋଇଥାଏ। ମାଂସ କେଜି ପିଛା ୧୫୦ରୁ ୨୦୦ ଟଙ୍କାରେ ବିକ୍ରି କରାଯାଇଥାଏ। ଜିଲା ବାହାରକୁ ମଧ ଚାଲାଣ ହୋଇଥାଏ। ଗୋଟିଏ ବାର୍ହା ଶିକାର କଲେ ୧୦,୦୦୦ରୁ ୨୫,୦୦୦ ଟଙ୍କା ଯାଏ ମିଳୁଛି। ବିନା ପରିଶ୍ରମରେ ପର୍ଯ୍ୟାପ୍ତ ଲାଭ ହେଉଥିବାରୁ ଶିକାରୀମାନେ ବାର୍ହା ଶିକାରକୁ ପ୍ରାଥମିକତା ଦେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## କୋଇଲା ଯୋଗାଣରେ ଏମ୍‌ସିଏଲ୍‌ର ନୂଆ ରେକର୍ଡ



ତାଳଚେର, ୫।୧୦(ନି.ପ୍ର.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) କୋଇଲା ଯୋଗାଣରେ ନୂଆ କିର୍ତ୍ତୀମାନ ସ୍ଥାପନ କରିଛି। ଗତ ୪ ତାରିଖରେ ଅନୁଗୋଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟକ୍ଷମ ଖଣିରୁ ୫ଲକ୍ଷ ୪୫ ହଜାର ଟନ୍ କୋଇଲା ଉପଭୋକ୍ତାଙ୍କୁ ପ୍ରେରଣ କରିଛି। ତନ୍ମଧ୍ୟରୁ ୩.୬୬ ଲକ୍ଷ ଟନ୍ ରେଳ, ୧.୪୫ ଲକ୍ଷ ଟନ ସଡ଼କ ଏବଂ ୦. ୩୪ ଲକ୍ଷ ଟନ୍ ଏମଜିଆର ମୋଡ୍ ଯୋଗେ ପରିବହନ କରାଯାଇଛି। ଏମ୍‌ସିଏଲ୍ ପକ୍ଷରୁ ଯୋଗାଣ କରାଯାଇଥିବା ୫.୪୫ ଲକ୍ଷ ଟନ୍ କୋଇଲା ମଧ୍ୟରୁ ୪.୧୫ ଲକ୍ଷ ଟନ୍ ବିଜୁଳି କ୍ଷେତ୍ରକୁ ପଠାଯାଇଛି। ଏହି ଉପଲବ୍ଧି ହାସଲ କରିଥିବାରୁ କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ସମଗ୍ର ଏମ୍‌ସିଏଲ୍ ଟିମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି ରେକର୍ଡ ଭାଙ୍ଗି ନୂତନ ରେକର୍ଡ ସ୍ଥାପନ କରାଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏମ୍‌ସିଏଲ୍ ୨୦୨୦-୨୧ ଆର୍ଥିକ ବର୍ଷରେ ୧୪୮ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଛି। ଚଳିତ ଆର୍ଥିକ ବର୍ଷରେ ୧୬୩ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଛି।

## 'ଯୁବପିଢ଼ିଙ୍କ ଆଦର୍ଶ ବାଜି ରାଉତ'

ଭୁବନ, ୫।୧୦(ଡି.ଏନ.ଏ)

ବ୍ରିଟିଶ ଗୁଳିରେ ଶହୀଦ ହୋଇଥିବା ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତ ସବୁବେଳେ ଯୁବପିଢ଼ିଙ୍କ ଆଦର୍ଶ ହୋଇ ରହିବେ। ଦେଶମାତୃକାର ସେବାରେ ଜୀବନ ବଳିଦାନ ଦେଇଥିବା ଢେଙ୍କାନାଳ ମାଟିର ଏହି ସୁଯୋଗ୍ୟ ସନ୍ତାନକୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଗଲେ ଏହା ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ହେବ। ଭୁବନ ବାଜିସେନା ପକ୍ଷରୁ ମଙ୍ଗଳବାର ପାଳିତ ବାଜି ରାଉତଙ୍କ ୯୬ତମ ଜୟନ୍ତୀ ସମାରୋହରେ ଏଭଳି ମତ ପ୍ରକାଶ ପାଇଛି।

ବାଜି ସେନା ସଭାପତି କମଳ ଲୋଚନ ମହାରଣାଙ୍କ ତତ୍ତ୍ୱାବଧାନରେ କାଳୀବଜାରସ୍ଥିତ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶହୀଦଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କର୍ମକର୍ତ୍ତା ଲଳିତ କୁମାର ବେହେରା, ବାଜି ରାଉତ କଲେଜର ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ବାଜି ରାଉତ ସ୍ମୃତି କଲେଜ ପକ୍ଷରୁ ଅନୁରୂପ ଭାବେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ଏବଂ ଆଲୋଚନାଚକ୍ରରେ ବାଜିଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରାଯାଇଥିଲା। ବାଜି ରାଉତ ସ୍ମୃତି ପରିଷଦ ପକ୍ଷରୁ ଜନ୍ମସ୍ଥାନ ନୀଳକଣ୍ଠପୁରରେ ଜୟନ୍ତୀ ପାଳିତ ହୋଇଯାଇଛି। ବୀର ବାଜିଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।




ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳନ ଅବସରରେ ବାଜି ସେନାର କର୍ମକର୍ତ୍ତାମାନେ।

## ଖସୁଛି ସଂକ୍ରମଣ

ଢେଙ୍କାନାଳ ଅଫିସ/ଅନୁଗୋଳ, ୫।୧୦

ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ଢେଙ୍କାନାଳ ଜିଲାରେ ୧ ହଜାର ୭୩୩ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବାବେଳେ ମାତ୍ର ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ସଦର ବ୍ଲକର ବୋଲି ଜଣାପଡ଼ିଛି। ଏହାପରେ ମୋଟ ପଜିଟିଭ୍ ସଂଖ୍ୟା ୧୯ ହଜାର ୭୬୬ରେ ପହଞ୍ଚିଛି। ସେହିପରି ଚିକିତ୍ସା ପରେ ୧୯ ହଜାର ୫୦୭ ରୋଗୀ ଆରୋଗ୍ୟ ଲାଭ କରିସାରିଲେଣି। ଜିଲାରେ ଏବେ ୫୦ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୨୪୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅନୁଗୋଳ ଜିଲାରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୩୭୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାରୁ ୩ ଆକ୍ରାନ୍ତ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଉଭୟ ଜିଲାରେ କ୍ରମାଗତ ଭାବେ ସଂକ୍ରମଣ ହ୍ରାସ ପାଉଥିବା ପ୍ରଶାସନକୁ ସାମାନ୍ୟ ଆଶ୍ୱସ୍ତ କରିଛି।

## ସନ୍ତାନ ଜନ୍ମଦେଇ ଆଖି ବୁଜିଲେ ପ୍ରସୂତି

### ଚିକିତ୍ସା, ରକ୍ତଦେବାରେ ଅବହେଳା ଅଭିଯୋଗ



ପ୍ରସୂତିଙ୍କ ମୃତ୍ୟୁ ପରେ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି।

ଅନୁଗୋଳ ଅଫିସ, ୫।୧୦

ଅନୁଗୋଳ ଜିଲା ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ମୃତକ ହେଲେ ପୁରୁଣାକୋଟ ଥାନା ମାଣିକଯୋଡ଼ି ଅଞ୍ଚଳର ସୁମନ୍ତ ସାହୁଙ୍କ ସ୍ତ୍ରୀ ଗୌରୀ। ଘଟଣା ପରେ ମେଡିକାଲରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ମେଡିକାଲ କର୍ମଚାରୀ ଆସି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ରସବ ବେଦନା ହେବାରୁ ଗୌରୀଙ୍କୁ ପରିବାର ଲୋକେ ସୋମବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଅପରାହ୍ଣ ୨ଟାରେ ଅସ୍ତ୍ରୋପ୍ରଚାର ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତେବେ ସନ୍ଧ୍ୟାରେ ଗୌରୀଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ପରିବାର ଲୋକେ ମେଡ଼ିକାଲ କର୍ମଚାରୀଙ୍କୁ କହିଥିଲେ ମଧ୍ୟ ସେମାନେ ଚିକିତ୍ସାରେ ଅବହେଳା କରିଥିଲେ। ଫଳରେ ମଙ୍ଗଳବାର ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଚିକିତ୍ସାରେ ଅସହଯୋଗ ଏବଂ ଠିକ୍ ସମୟରେ ରକ୍ତ ଯୋଗାଇବାରେ ମେଡ଼ିକାଲ କର୍ତ୍ତୃପକ୍ଷ ବିଫଳ ହେବାରୁ ଗୌରୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ସୁମନ୍ତ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘଟଣାର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

## କେନ୍ଦ୍ର ସରକାର ଗଣତନ୍ତ୍ରର ହତ୍ୟାକାରୀ

ଢେଙ୍କାନାଳ ଅଫିସ, ୫।୧୦

ଉତ୍ତରପ୍ରଦେଶ ଲଖିମପୁର ମୃତଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବାକୁ ଯାଉଥିବାବେଳେ ଜାତୀୟ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଗିରଫ କରାଯିବା ପ୍ରତିବାଦରେ ଢେଙ୍କାନାଳ ଜିଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀପାର୍କ ସମ୍ମୁଖରେ ଧାରଣା ଦିଆଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ଯୋଗଦେଇ ପ୍ରିୟଙ୍କା ଗାନ୍ଧୀଙ୍କୁ ଗିରଫ କରାଯିବା ଅଗଣତାନ୍ତ୍ରିକ ବୋଲି କହିଥିଲେ। ମନ୍ତ୍ରୀଙ୍କ ପୁଅଙ୍କ ଗାଡ଼ି ଚଢ଼ାଇ ଚାଷୀଙ୍କୁ ହତ୍ୟା କରାଯିବା ଘଟଣାକୁ ଯେତେ ନିନ୍ଦାକଲେ ମଧ କମ୍ ହେବ। କେନ୍ଦ୍ର ସରକାର ଓ ଉତ୍ତରପ୍ରଦେଶ ସରକାର ଗଣତନ୍ତ୍ରର ହତ୍ୟାକାରୀ। ପୋଲିସ ପ୍ରଶାସନ ଜରିଆରେ ଚାଷୀ ଆନ୍ଦୋଳନକୁ ରୋକିବାକୁ ସେମାନେ ଅପପ୍ରୟାସ କରୁଛନ୍ତି। ଏହାର ଉତ୍ତର ଜନତା ଦେବେ ବୋଲି ସେ କହିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ଜ୍ୟୋତିର୍ମୟ ପାଲ, ଉପସଭାପତି ପ୍ରକାଶ ଚନ୍ଦ୍ର କୁଅଁର, ଅନୁଗୋଳ ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ସୁନୀଲ ଦାଶ, ଟଙ୍କଧର ବେହେରା, ସଚ୍ଚିଦାନନ୍ଦ ନନ୍ଦ, ବିଶ୍ୱରଞ୍ଜନ ରାଉତ, ଶିଳ୍ପୀଶ୍ରୀ ହରିଚନ୍ଦନ, ହିତେଶ ହୋତା, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

## ମାଡ଼ିବସିଛନ୍ତି ୩୦୦ ଏକର

- ଜିଲାପାଳଙ୍କୁ ଫେରାଦ ହେଲେ ମଦରଙ୍ଗାମୁଣ୍ଡାବାସୀ
- ପୁନରୁଦ୍ଧାର କରା ନ ଗଲେ ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ ଅଫିସ, ୫।୧୦

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ପରଜଙ୍ଗ ଥାନା ମଦରଙ୍ଗାମୁଣ୍ଡା ଗ୍ରାମ ନିକଟ ଟସରତଇଳା ଅଞ୍ଚଳରେ ଥିବା ୩୦୦ ଏକର ଗୋଚର ଏବଂ ଜଙ୍ଗଲ ଜମିକୁ କେତେଜଣ ବ୍ୟକ୍ତି ମାଡ଼ିବସିଛନ୍ତି। ଖେଳପଡ଼ିଆ କରିବା ଆଳରେ ଜେସିବି ମେଶିନ ସହାୟତାରେ ଗଛ କାଟି ପଦା କରିସାରିଲେଣି। ଉକ୍ତ ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ କରିବା ଦାବିରେ ମଙ୍ଗଳବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି।



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ମଦରଙ୍ଗାମୁଣ୍ଡା ଗ୍ରାମବାସୀ।

ଅଭିଯୋଗ ଅନୁଯାୟୀ, କିଛିଦିନ ହେଲା ଉକ୍ତ ଗୋଚର ଏବଂ ଜଙ୍ଗଲ ଜମିରୁ ବ୍ୟାପକ ଗଛ କଟାଚାଲିଛି। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ସହିତ କୌଣସି ଆଲୋଚନା କରାଯାଉନାହିଁ କିମ୍ବା ସ୍ପଷ୍ଟୀକରଣ ଦିଆଯାଉନାହିଁ। ଜାଗା ଚିହ୍ନଟ କରିବା ଲାଗି ଗ୍ରାମବାସୀ କଙ୍କଡ଼ାହାଡ଼ ତହସିଲଦାରଙ୍କ ନିକଟରେ ଦରଖାସ୍ତ କରିଛନ୍ତି। ସ୍ଥାନୀୟ ବନ କର୍ମଚାରୀଙ୍କୁ ଅବଗତ କରାଯାଇଛି। ତଥାପି କୌଣସି ପଦକ୍ଷେପ ନିଆଯାଉନାହିଁ। ଖେଳପଡିଆ ନିର୍ମାଣ ଆଳରେ ଜମି ସଫା କରାଯାଉଥିବାରୁ ଗୋରୁଙ୍କ ଚାରଣ ଭୂମି ନଷ୍ଟ ହେଉଛି। ଅଞ୍ଚଳବାସୀଙ୍କ ବୃହତର ସ୍ୱାର୍ଥ ଏବଂ ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିରୁ ଜବରଦଖଲରେ ଥିବା ଜମିକୁ ତୁରନ୍ତ ପୁନରୁଦ୍ଧାର କରିବାକୁ ଗ୍ରାମର ମିନିବାଳା ନାୟକ, ପଙ୍କଜ ଦେହୁରୀ, ଡମ୍ବରୁ ସାହୁ, ଦେବକୀ ରଞ୍ଜନ ଷେଣ୍ଡ, ନିରଞ୍ଜନ ସାହୁ, ପ୍ରେମାନନ୍ଦ ଷେଣ୍ଡ, ଅକ୍ଷୟ ଷେଣ୍ଡ ପ୍ରମୁଖ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ଡିଏଫ୍ଓ ଏବଂ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,(ଡି.ଏନ.ଏ.)-ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କୁର୍ତ୍ତିବାସପୁର ଗ୍ରାମର ସନ୍ତୋଷିନୀ ସାହୁଙ୍କୁ ନଳିନୀ ମିଶ୍ର ମାଡ଼ ମାରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ନଳକୂଅ ସଫେଇକୁ କେନ୍ଦ୍ର କରି ଉଭୟଙ୍କ ମଧରେ ବଚସା ହୋଇଥିଲା। ନଳିନୀ ଉତ୍କ୍ଷିପ୍ତ ହୋଇ ସନ୍ତୋଷିନୀଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅପରପକ୍ଷେ ନଳିନୀ ସନ୍ତୋଷିନୀ, ଅଳି ସାହୁ, ରତନି ସାହୁଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଜନବସତିରେ ହାତୀ

କଣିହାଁ, ୫।୧୦(ଡି.ଏନ.ଏ.)-ଅନୁଗୋଳ ଜିଲା ତାଳଚେର ବନାଞ୍ଚଳ ଶିପୁର ସେକ୍ସନ ବୀରୁ ଗ୍ରାମ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ରବିବାର ରାତିରେ ପଲରୁ ଅଲଗା ହୋଇ ଏକ ହାତୀ ଗ୍ରାମାଭିମୁଖୀ ହୋଇଛି। ବାଡ଼ିବଗିଚାରେ ପଶି ଫସଲ ନଷ୍ଟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ପାଇ ସୋମବାର ବନ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ନେଇ ଶିପୁର ଫରେଷ୍ଟର ଅଭିମନ୍ୟୁ ମାଝି କହିଛନ୍ତି, ଏକ ପଲରେ ୮ ହାତୀ ମାଙ୍କଡ଼ଚୁଆ ଜଙ୍ଗଲରେ ଡେରା ପକାଇଛନ୍ତି। ସେଥିରୁ ଗୋଟିଏ କଣିହାଁ ବନାଞ୍ଚଳକୁ ପଶିଆସିଛି। ଉକ୍ତ ହାତୀ ଦଦିରି ପାଖ ଜଙ୍ଗଲରେ ରହିଛି। ଏହା ଉପରେ ନଜର ରଖାଯାଇଛି।

### ନିର୍ଯାତନା ଅସହ୍ୟ: ଥାନାରେ ବୃଦ୍ଧ ଦମ୍ପତି

ଅନୁଗୋଳ ଅଫିସ, ୫।୧୦-ପୁଅବୋହୂଙ୍କ ନିର୍ଯାତନା ଅସହ୍ୟ ହେବାରୁ ନ୍ୟାୟ ଆଶାରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୃଦ୍ଧା ମା'ବାପା। ଅନୁଗୋଳ ଜିଲା ବଣ୍ଟାଁରପାଳ ଥାନା ସେରଣାବେଡ଼ା ଗ୍ରାମରୁ ଆସିଛି ଅସହାୟତାର ଏଭଳି ଚିତ୍ର। ସେରଣାବେଡ଼ାର ଦୁର୍ଗାଚରଣ ଦେହୁରୀ ଓ ତାଙ୍କ ସ୍ତ୍ରୀ ହୀନାଙ୍କ ୨ ପୁଅ ବିବାହିତ। ହେଲେ ପୁଅବୋହୂ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବୃଦ୍ଧ ଦମ୍ପତି ଅଭିଯୋଗ କରିଛନ୍ତି। ବୃଦ୍ଧା ମା' ନିଜର ୨ ପୁଅ ଏବଂ ବୋହୂଙ୍କ ନାମରେ ଲିଖିତ ଅଭିଯୋଗ କରିଥିବାବେଳେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ବଣ୍ଟାଁରପାଳ ଥାନା ଅଧିକାରୀ ନରେଶ ସାହୁ କହିଛନ୍ତି, ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାର ଅନୁଧାନ କରାଯିବ।

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

ବଇଣ୍ଡା,୫।୧୦(ଡି.ଏନ.ଏ.)-କିଶୋରନଗର ବ୍ଲକ ଅଙ୍ଗପଡା ଗ୍ରାମରେ ବର୍ଷେ ହେବ ଏଲଟି ଲାଇନ କେବୁଲ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଙ୍ଗପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଅଧିକାଂଶ ସ୍ଥାନରେ ଏଲ୍‌ଟି ଲାଇନ ତାର ଓହଳି ରହିଛି। ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ବଦଳା ଯାଉନାହିଁ। ବିଲ୍ ଆଦାୟ କରିବାରେ ବିଭାଗ ଯେତିକି ତତ୍ପର ଦେଖିବାକୁ ମିଳୁଛି, ସେବା ଯୋଗାଇବାରେ ସେତିକି ତତ୍ପରତା ପ୍ରକାଶ ପାଉନାହିଁ। ଏ ନେଇ ଗତ ମେ ୨ରେ ଗ୍ରାମବାସୀ ବାମୁର ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ଓ ବଇଣ୍ଡା ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ସୁଫଳ ମିଳିଲା ନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନାଳରୁ ଯୁବକଙ୍କ ମୃତଦେହ ଜବତ

ପାଲଲହଡ଼ା,୫।୧୦(ଡି.ଏନ.ଏ.)-ପାଲଲହଡ଼ା ଥାନା ସଇଡ଼ା ପଞ୍ଚାୟତ ରଥଗୁଡ଼ା ନିକଟସ୍ଥ ଚନ୍ଦ୍ରଚୁଲ ନାଳରୁ ମଙ୍ଗଳବାର କାନ୍ଦୁରୀ ନାୟକଙ୍କ ପୁଅ ଅଭି ନାୟକ (୩୫)ଙ୍କ ମୃତଦେହ ପୋଲିସ ଜବତ କରିଛି। ସୋମବାରଠାରୁ ଅଭି ନିଖୋଜ ଥିଲେ। ସକାଳୁ ତାଙ୍କ ମୃତଦେହ ନାଳରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଏଏସଆଇ ସଞ୍ଜୟ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମରୁଡ଼ି ଘୋଷଣା ଦାବିରେ ବ୍ଲକ ଘେରାଉ

ବଇଣ୍ଡା, ୫।୧୦(ଡି.ଏନ୍.ଏ.)-କିଶୋରନଗର ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିରେ ମଙ୍ଗଳବାର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଛି। ମଣ୍ଡଳ ସଭାପତି ଜଳଧର ପ୍ରଧାନଙ୍କ ନେତୃତ୍ୱରେ ଜଗବନ୍ଧୁ ପ୍ରଧାନ, ରତ୍ନାକର ପ୍ରଧାନ, ଗୋଲେଖ ପ୍ରଧାନ, ଅଖିଳ ପ୍ରଧାନ, ବିଜୟ ମାଝି, ଅର୍ଜୁନ ପାଣ୍ଡେ, ଅଜିତ୍ ପ୍ରଧାନଙ୍କ ସମେତ ଶତାଧିକ ଭାଜପା କର୍ମୀ ବରପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଶୋରନଗର କୃଷି ବହୁଳ ଅଞ୍ଚଳ ହୋଇଥିଲେ ମଧ ସରକାର ଜଳସେଚନ ବ୍ୟବସ୍ଥା କରୁନାହାନ୍ତି। ପ୍ରତିବର୍ଷ ଚାଷୀ ଫସଲ କ୍ଷତି ସହୁଛନ୍ତି। ପ୍ରଶାସନିକ ଅଧିକାରୀ ମରୁଡ଼ି କ୍ଷୟକ୍ଷତିର ଠିକ୍ ସମୀକ୍ଷା କରୁନାହାନ୍ତି। ରାଜ୍ୟ ସରକାର ତୁରନ୍ତ ଏକ ଟିମ କିଶୋରନଗର ବ୍ଲକ ଗସ୍ତରେ ପଠାଇ ଠିକ୍ ଭାବେ ତର୍ଜମା କରିବା ଲାଗି ଦଳ ପକ୍ଷରୁ ଦାବି କରାଯାଇଛି।

# ରୂପାନ୍ତରଣ ହେବ ୧୫୨ ସ୍କୁଲ


ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୫।୧୦**

**୫-ଟି ସଚିବଙ୍କ ସମୀକ୍ଷା**

ଅନୁଗୋଳ ଜିଲାର ୧୦୨ ବିଦ୍ୟାଳୟ ମଙ୍ଗଳବାର '୫-ଟି' ରୂପାନ୍ତରଣରେ ଯୋଡ଼ିହୋଇଛି। ଜିଲାରେ ମୋଟ ୧୫୨ ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏ ନେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ସମୀକ୍ଷାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ପିଡି ଦିଲୀପ ସାହୁ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମସ୍ତ ବ୍ଲକର ବିଡିଓ, ବିଇଓ, ସରପଞ୍ଚ, ଅଭିଭାବକଙ୍କ ସମେତ ୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୫-ଟି ସଚିବ ସିଧାସଳଖ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ନୂଆ କରି ହେଉଥିବା ରୂପାନ୍ତରଣ ଯୋଜନାରେ ପିଲାମାନେ କେତେ ଆକୃଷ୍ଟ ହେଉଛନ୍ତି, ତାହା ସିଧାସଳଖ ଭାବେ ପଚାରି ବୁଝିଥିଲେ। ବିଦ୍ୟାଳୟ ଗୁଡ଼ିକରେ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରି, ସାଇନ୍ସ ଲାବୋରେଟୋରି, ଶୌଚାଳୟ, ଖେଳପଡ଼ିଆ ଉନ୍ନତୀକରଣ, ପାନୀୟଜଳ ପ୍ରଭୃତି ପ୍ରକଳ୍ପ ନିର୍ମାଣ କରାଯାଉଛି। ଏ ନେଇ ଛାତ୍ରୀଛାତ୍ରମାନେ କେତେ ଆକୃଷ୍ଟ ରହିଛନ୍ତି ପଚାରି ବୁଝିଥିଲେ। ଏଥିସହ ଭବିଷ୍ୟତରେ ଲକ୍ଷ୍ୟ କଣ ରଖିଛନ୍ତି ତାହା ମଧ ପଚାରି ବୁଝିଥିଲେ। ଯୋଜନାର ଲକ୍ଷ୍ୟ ପୂରଣ ହେବା ନେଇ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଆଲୁମ୍‌ନି ଓ ଏସ୍‌ଏମ୍‌ସି (ସ୍କୁଲ ମ୍ୟାନେଜମେଣ୍ଟ କମିଟି) ଓ ଏସ୍‌ଏମ୍‌ଡିସି ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣରେ ସେମାନଙ୍କର ଭାଗ ନେବା ଆବଶ୍ୟକ। ଏଥିସହ ସ୍ଥାନୀୟ ବିଦ୍ୟାଳୟକୁ କିଭଳି ଉନ୍ନତୀକରଣ କରିବେ ଏବଂ ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ସେହିଭଳି ନଭେମ୍ବର ୧୪ ସୁଦ୍ଧା ୫୦ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଡିସେମ୍ବର ଶେଷ ସୁଦ୍ଧା ଅବଶିଷ୍ଟ ୧୦୨ ବିଦ୍ୟାଳୟର କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦିଆଯାଇଛି।

## ଚକବନ୍ଦୀ ଉଚ୍ଛେଦ ଦାବିରେ ୨୭ରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୫।୧୦**

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ ଶିଳ୍ପ, ଖଣି, ରାଜପଥ, ରେଳପଥ ପାଇଁ ଜମି ଅଧିଗ୍ରହଣ ହେଉଛି। ଜମି ଅଧିଗ୍ରହଣ ସମୟରେ ଚକବନ୍ଦୀ ସମସ୍ୟାରେ ଛନ୍ଦି ହୋଇଥିବା ୯୨ ମୌଜାର ପ୍ରକୃତ ଜମି ମାଲିକ କ୍ଷତିପୂରଣ, ଥଇଥାନ ଓ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ଚକବନ୍ଦୀ ଉଚ୍ଛେଦ ଦାବିରେ ମଙ୍ଗଳବାର ଶିକ୍ଷକପଡ଼ାଠାରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନେଇ ଚାଷୀ ସୁରକ୍ଷା କମିଟି ଗଠିତ ହୋଇଛି। ୨୭ ଅକ୍ଟୋବରରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ସମାବେଶ ହେବ ବୋଲି ନିଷ୍ପତ୍ତି ହୋଇଛି। ନବଗଠିତ କମିଟିରେ ସଭାପତି ଭାବେ ଭାସ୍କର ଚନ୍ଦ୍ର ଦେହୁରୀ, ଉପଦେଷ୍ଟା ମହେଶ୍ୱର ମହାପାତ୍ର, ଶରତ ଚନ୍ଦ୍ର ମହାପାତ୍ର, ସୂର୍ଯ୍ୟନାରାୟଣ କର, ଦୁର୍ଯ୍ୟୋଧନ କର, ରୁଦ୍ରମୋହନ ମିଶ୍ର, ନୀଳମଣି ବେହେରା, ବିଚିତ୍ରାନନ୍ଦ ନାୟକ, ଜୟନାରାୟଣ କର, କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ସାହୁ, ଜିତେନ୍ଦ୍ର ପ୍ରଧାନ, ଉପସଭାପତି ଭାବେ ଦୁର୍ଗାଚରଣ ଧର, ଅନନ୍ତ ଚରଣ ସାହୁ, ପଦ୍ମଲୋଚନ ଦାସ, ଦିବାକର ସାହୁ, ପ୍ରମୋଦ ମହାନ୍ତି, ଦ୍ୱାରୀ ପ୍ରଧାନ, ସମ୍ପାଦକ ଭାବେ କାଳୀଚରଣ ପ୍ରଧାନ, ଯୁଗ୍ମ ସମ୍ପାଦକ ଗିରୀଶ ଚନ୍ଦ୍ର ସାହୁ, ସମ୍ପାଦକ ମଣ୍ଡଳୀ ସଭ୍ୟ ଭାବେ ବୀରବର ବେହେରା, ହୃଦାନନ୍ଦ ସାମଲ, କୋଷାଧକ୍ଷ ଭାବେ ମନୋଜ ପ୍ରଧାନ ପ୍ରମୁଖ ମନୋନୀତ ହୋଇଛନ୍ତି।

## ଜିଲା କଂଗ୍ରେସ ପକ୍ଷରୁ ଗଣଧାରଣା

**ଅନୁଗୋଳ ଅଫିସ, ୫।୧୦**

ଉତ୍ତରପ୍ରଦେଶ ଲଖିମପୁର ଖେରୀଠାରେ ଆନ୍ଦୋଳନରତ କୃଷକଙ୍କୁ ଗାଡି ଚଢ଼ାଇ ହତ୍ୟା କରାଯିବ ଏବଂ ନିଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀଙ୍କୁ ଉତ୍ତରପ୍ରଦେଶ ପୋଲିସ ଗିରଫ କରିବା ପ୍ରତିବାଦରେ ମଙ୍ଗଳବାର ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଧାରଣା ଦିଆଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଗଣଧାରଣା ଦେଇଥିଲେ। ହିଂସାକାଣ୍ଡ ଘଟାଇଥିବା ମନ୍ତ୍ରୀଙ୍କ ପୁଅକୁ ଗିରଫ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରାଯାଇଥିଲା। ଜିଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ନାଏକ, ତପନ ପ୍ରଧାନ, କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ବିଜୟ ଚାଉଳିଆ, ଜୟନ୍ତ ସାହୁ, ଧର୍ମେନ୍ଦ୍ର ମିଶ୍ର, ଜିତେନ୍ଦ୍ର ସାହୁ, ନିଳକଣ୍ଠ ନାଏକ, ଟିକନ ବେହେରା, ତପସ୍ୱିନୀ ବିଶ୍ୱାଳ, ଅମୂଲ୍ୟ ବେହେରା, ଅଳକା ମହାପାତ୍ର, ସଂଗ୍ରାମ ବେହେରା, ରାଜକିଶୋର ବିଶ୍ୱାଳଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିପରି ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୁର ସଙ୍ଗଠନ ଅନୁଗୋଳ ଜିଲା କମିଟି ପକ୍ଷରୁ ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଶିକ୍ଷକପଡ଼ାଠାରେ ପ୍ରତିବାଦ କରାଯାଇଛି। ଏହି ଘଟଣାରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବହିଷ୍କାର କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀନେତା ରଣଜିତ ପ୍ରଧାନ, ସୟ ସାହୁ, କୁମର ସାହୁ, ନିର୍ମଳ ସାହୁ, ତ୍ରିନାଥ ସାହୁ ପ୍ରମୁଖ ଦାବି କରିଛନ୍ତି।


କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

# ଶୌଚାଳୟ ନିର୍ମାଣରେ ଅନିୟମିତତା


ବୈଠକରେ ଉପସ୍ଥିତ କମିଟି ସଭାପତିଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା, ୫।୧୦(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ପରିସରରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦିଗାମ୍ବର ଭୂତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ଭୁକ୍ତା, ମନୋଜ ମହାପାତ୍ର, ବୈଜୟନ୍ତ ପ୍ରଧାନ, ପ୍ରଦୀପ ବେହେରା, ବିଶ୍ୱଜିତ ସାହୁ, ଦେବୀପ୍ରସାଦ ମିଶ୍ରଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗ ଦେଇଥିଲେ। ବିଦ୍ୟାଳୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ମୋ ସ୍କୁଲ ଅଭିଯାନ ପକ୍ଷରୁ ୬୦ ଲକ୍ଷ ଟଙ୍କା ଆସିଛି। ଏଥିରେ ବିଦ୍ୟାଳୟର ଶ୍ରେଣୀଗୃହ ସାଙ୍ଗକୁ ଶୌଚାଳୟ ନିର୍ମାଣ ହେଉଛି। ହେଲେ ଶୌଚାଳୟ ନିର୍ମାଣରେ ଅନିୟମିତତା ହୋଇଥିବାରୁ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ୮ ଲକ୍ଷ ଟଙ୍କା ବ୍ୟୟରେ ସ୍କୁଲ ନିକଟରୁ ୧୦୦ ମିଟର ଦୂରରେ ୩ଟି ଅଲଗା ଅଲଗା ଶୌଚାଳୟ ନିର୍ମାଣ ପାଇଁ ସରକାରୀସ୍ତରରେ ନିୟମ ରହିଛି। ଗୋଟିଏ ଛାତ ତଳେ ଶୌଚାଳୟ ନିର୍ମାଣକୁ କମିଟି ପକ୍ଷରୁ ବିରୋଧ କରାଯାଇଛି। କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ବିନା ଅନୁମତିରେ ବ୍ଲକ ପ୍ରଶାସନ ମନଇଛା ଶୌଚାଳୟ ନିର୍ମାଣ କରୁଥିବା କମିଟି ଅଭିଯୋଗ କରିଛି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ପଦକ୍ଷେପ ନେବାକୁ କମିଟି ପକ୍ଷରୁ ଦାବି ହୋଇଛି। ଏ ନେଇ ବ୍ଲକ କନିଷ୍ଠ ଯନ୍ତ୍ରୀ ଶରତ ସାହୁ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନ ଥିଲା।

## ଉନ୍ନୟନ କାର୍ଯ୍ୟ ନେଇ ସ୍ମାରକପତ୍ର

**ଅନୁଗୋଳ ଅଫିସ, ୫।୧୦**

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ତଳମୂଳଶାସନ ଗ୍ରାମ ପଞ୍ଚାୟତ ନୂଆସାହି ଗ୍ରାମ୍ୟ କମିଟି ପକ୍ଷରୁ ମଙ୍ଗଳବାର ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ, ପଞ୍ଚାୟତରେ ସରପଞ୍ଚ ନ ଥିବାରୁ ଗ୍ରାମରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଗୁଡିକୁ ଗ୍ରାମ କମିଟି ଜରିଆରେ ସମାପନ କରିବା ପାଇଁ ସରକାରୀ ବ୍ୟବସ୍ଥା ରହିଛି। ତେଣୁ ଗ୍ରାମର ପୋଖରୀ ଖୋଳା, ରାସ୍ତା ନିର୍ମାଣ ଓ ବିଦ୍ୟାଳୟ ନିର୍ମାଣ ଆଦି ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଗ୍ରାମ୍ୟ କମିଟି ମାଧ୍ୟମରେ ଆରମ୍ଭ କରଯାଇଥିଲା। ଏସବୁ କାର୍ଯ୍ୟ ପ୍ରାୟ ଅଧାରୁ ଅଧିକ ଶେଷ ହୋଇଯାଇଛି। ସେଗୁଡିକୁ ସମ୍ପୂର୍ଣ୍ଣ କରିବାକୁ କୌଣସି ବ୍ଲକ୍ ଅଧିକାରୀ ସହଯୋଗ କରୁନାହାନ୍ତି। ଫଳରେ କାର୍ଯ୍ୟଗୁଡିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଏ ନେଇ ବଣ୍ଟାଁରପାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ କମିଟି ପକ୍ଷରୁ ଦାବି ହୋଇଛି।

# ସ୍ୱାସ୍ଥ୍ୟ ସମସ୍ୟା ନେଇ ଉଦ୍‌ବେଗ

**ଅନୁଗୋଳ ଅଫିସ, ୫।୧୦**

ଅନୁଗୋଳ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ପରିସରରେ ମଙ୍ଗଳବାର 'ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି' ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ତୀର୍ଥବାସୀ ଭୋଇ, ମାନସ ପାଳ, ରମେଶ ସାହୁ, ନିରୋଦ ପାଳ, ଅଶୋକ ପ୍ରଧାନ, ଶିବରାମ ବେହେରା, ନିରୂପମା ପ୍ରଧାନ ଯୋଗଦେଇ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାବାସୀଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବା, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଜୁଲୁମ ବନ୍ଦ କରିବା ଦାବିରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ ଅନୁଗୋଳ-ପୁରୀ ପାସେଞ୍ଜର, ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ୍ ଚଳାଇବା, ଏବେ ଟ୍ରେନ୍‌ରେ ଆଦାୟ କରାଯାଉଥିବା ସ୍ପେଶାଲ ଭଡ଼ା ବଦଳରେ ପୂର୍ବଭଳି ଯାତ୍ରୀ ଭଡା ଆଦାୟ କରିବା ଦାବିନେଇ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି।


ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

# ସରକାରୀ ରାସ୍ତା ଜବରଦଖଲ ଅଭିଯୋଗ

**ଅନୁଗୋଳ ଅଫିସ, ୫।୧୦**

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ୍ କୁମଣ୍ଡ ପ୍ରଗତିନଗର ମୌଜାରେ ସରକାରୀ ରାସ୍ତା ଜବରଦଖଲ କରାଯାଇଛି। ଏହି ବେଆଇନ କାର୍ଯ୍ୟରେ କେତେଜଣ ସରକାରୀ କର୍ମଚାରୀଙ୍କ ହାତ ରହିଛି। ଉକ୍ତ ଗୋଚର ଜାଗାରେ ୩୦ ବର୍ଷ ଧରି ରହିଆସୁଥିବା ଅଞ୍ଜଳି ଦେହୁରୀ, ଶୁକ୍ରମୁନି ମୁଣ୍ଡା, ରାମ ମୁଣ୍ଡା, ବିଶ୍ୱନାଥ ମୁଣ୍ଡା, ରାମଚନ୍ଦ୍ର ଦେହୁରୀ ପ୍ରମୁଖ ଏ ନେଇ ଉପଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ସମ୍ପୃକ୍ତ ୧୨ ପରିବାର ଗୋଚର ଜମିର ଏକ ରାସ୍ତା ନିର୍ମାଣ କରି ଯାତାୟାତ କରୁଥିଲେ। ଗୋଚର ଜମି ପାଖରେ ଥିବା ୨୦୯ ପ୍ଲଟକୁ ୪ ଜଣ ଯୁବକ ନିଜର ବୋଲି ଦାବି କରୁଛନ୍ତି। ଏ ନେଇ ସେମାନେ ସ୍ଥାନୀୟ ଆର୍‌ଆଇଙ୍କ ସହାୟତାରେ ଜମି ଚିହ୍ନଟ କରିଛନ୍ତି। ତେବେ ଏହି ଚିହ୍ନଟ ସମୟରେ ବସ୍ତିର କାହାରିକୁ ଅବଗତ କରାଯାଇନାହିଁ। ଅନ୍ୟପଟେ ରାସ୍ତାକୁ କଟାଯିବା ସହ ସେଠାରେ ଏକ ପାଚେରି ନିର୍ମାଣ କରୁଛନ୍ତି। ଫଳରେ ଉକ୍ତ ରାସ୍ତା ବନ୍ଦ ହେବା ଯୋଗୁଁ ବସ୍ତିର ପିଲାମାନେ ସ୍କୁଲ ଯିବା ଆସିବା କରିପାରୁନାହାଁନ୍ତି। ଜାଗାକୁ ଠିକ୍ ଭାବେ ଚିହ୍ନଟ କରି ରାସ୍ତା ବାହାର କରାଗଲେ ୧୨ ପରିବାର ସଦସ୍ୟଙ୍କ ଯାତାୟାତରେ ସହାୟକ ହେବ ବୋଲି ସେମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବସ୍ତିବାସୀଙ୍କ ତରଫରୁ ଅନୁଗୋଳ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବଣ୍ଟାଁରପାଳ ତହସିଲଦାରଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

# ହିଙ୍ଗୁଳାଙ୍କ ହୁଣ୍ଡିରୁ ୪ ଲକ୍ଷ ଟଙ୍କା ସଂଗୃହୀତ

**ତାଳଚେର, ୫।୧୦(ନି.ପ୍ର.)**

ଗୋପାଳପ୍ରସାଦସ୍ଥିତ ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପୀଠରେ ଥିବା ୨ଟି ହୁଣ୍ଡି ମଙ୍ଗଳବାର ଖୋଲାଯାଇଛି। ହୁଣ୍ଡିରୁ ମୋଟ ୪ ଲକ୍ଷ ୭୭୫ ଟଙ୍କା ସଂଗୃହୀତ ହୋଇଛି। ତାଳଚେର ତହସିଲଦାର ମନ୍ମଥ ନାୟକ, ଗୋପାଳପ୍ରସାଦ ଫାଣ୍ଡି ଅଧିକାରୀ ଉଦୟନାଥ ବେହେରା, ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂ, ଅରୁଣ ପ୍ରଧାନ, ଗଗନ ବିହାରୀ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠ ସହାୟକ ଅଧିକାରୀ ଧୂଳେଶ୍ୱର ବେହେରା, ପଞ୍ଚାନନ ବେହେରାଙ୍କ ସମେତ ଗୋପାଳପ୍ରସାଦ ଗ୍ରାମର ଯୁବକ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ କରିବା ଲାଗି ତାଳଚେର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୧ ଲକ୍ଷ ୧୫ ହଜାର ଟଙ୍କା ଦାନ କରାଯାଉଛି। ଏ ସଂକ୍ରାନ୍ତ ବ୍ୟାଙ୍କ ଡ୍ରାଫ୍ଟ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଉଷାରାଣୀ ପଣ୍ଡା, ସମ୍ପାଦକ ସଞ୍ଜୟ ପ୍ରଧାନ, କୋଷାଧକ୍ଷ ଉଦ୍ଧବ ଚରଣ ବେହେରା, ପୌରାଞ୍ଚଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ମହେଶ୍ୱର ସାହୁ, ଶାନ୍ତିଲତା ପଟ୍ଟନାୟକ, ଅନନ୍ତ ନାରାୟଣ ଆଚାର୍ଯ୍ୟ, ଅରୁଣ ରାଉତ, ଅକ୍ଷୟ ଭୁକ୍ତା, ନିରୋଦ ବେହେରା ଡିଲେଶ୍ୱର ପତି, ସୁଶୀଲ ମାଝି, ପ୍ରଶାନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।


ହୁଣ୍ଡିରୁ ବାହାରି ଥିବା ଟଙ୍କା ଗଣନା କରାଯାଉଛି।

# ଜରାନିବାସରେ ଅବ୍ୟବସ୍ଥା

- ଅସନ୍ତୋଷ ଝାଡ଼ିଲେ ଅନ୍ତେବାସୀ
- ଉପଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ଛେଣ୍ଡିପଦା, ୫।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ପଞ୍ଚାୟତ ଭାଲୁଖାଇଡିପସ୍ଥିତ ଶ୍ରୀ ସାଇନାଥ ବରିଷ୍ଠ ନାଗରିକ ନିବାସ (ଜରା ନିବାସ)ରେ ଅନିୟମିତା ହେଉଥିବା ଅଭିଯୋଗ ହୋଇଛି। ଏଠାରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ଠିକ୍ ଭାବେ ଖାଦ୍ୟ, ଔଷଧ ପ୍ରଦାନ କରାଯାଉ ନ ଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି।

ଅନ୍ତେବାସୀଙ୍କ କହିବା କଥା, ଉକ୍ତ ବରିଷ୍ଠ ନାଗରିକ ନିବାସ ପରିଚାଳନା ଦାୟିତ୍ୱ ରହିଛି ସ୍ୱେଚ୍ଛାସେବୀ ସଂସ୍ଥା ' ଦି ମେଡିକ୍ସ'। ଏଠାରେ ବର୍ଷେ ହେଲା ୨୫ ଜଣ ବରିଷ୍ଠ ନାଗରିକ ରହୁଥିଲେ। ତେବେ କର୍ମଚାରୀଙ୍କ ଦୁର୍ବ୍ୟବହାର, ପରିଚାଳନାରେ ଅବ୍ୟବସ୍ଥା ପରେ ଅଧିକାଂଶ ଜରାନିବାସ ଛାଡ଼ି ଚାଲିଯାଇଛନ୍ତି। ନିର୍ଦ୍ଧାରିତ ଖାଦ୍ୟ ବିବରଣୀ ଅନୁଯାୟୀ ଖାଦ୍ୟ ଦିଆଯାଉନାହିଁ। ମଧୁମେହରେ ଆକ୍ରାନ୍ତ ରୋଗୀଙ୍କୁ ରୁଟି ବଦଳରେ ବାସି ଖାଦ୍ୟ ଦିଆଯାଉଛି। ଆପତ୍ତି କଲେ ସଂସ୍ଥାର କର୍ମଚାରୀ ବାହାର କରିଦେଉଛନ୍ତି। ଘରୋଇ ହିଂସାର ଶିକାର ହେଉଥିବା ୮ ଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ପଳାଇଛନ୍ତି। ବ୍ୟକ୍ତି ଏବଂ ଅନୁଷ୍ଠାନ ପକ୍ଷରୁ ଦାନସୂତ୍ରରେ ପ୍ରଦାନ କରାଯାଉଥିବା ସାମଗ୍ରୀ ଦିଆଯାଉନାହିଁ। ଉକ୍ତ ସାମଗ୍ରୀ ଅନୁଷ୍ଠାନର ଅଧିକାରୀ ନେଇଯାଉଛନ୍ତି। ପ୍ରଶାସନ ପକ୍ଷରୁ ନିୟମିତ ତଦାରଖ କରାଯାଉ ନ ଥିବାରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ବରିଷ୍ଠ ନାଗରିକ ରାଜକିଶୋର ପ୍ରଧାନ, ଦୁଷ୍ମନ୍ତି ପ୍ରଧାନ, ଶଙ୍କର୍ଷଣ ସାହୁ, କୌଳାସ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅଭିଯୋଗକୁ ମିଥ୍ୟା ବୋଲି ସଂସ୍ଥାର ନିର୍ଦ୍ଦେଶକ ଡାକ୍ତର ଦିଲୀପ ସାମଲ କହିଛନ୍ତି। ନିଜ ସ୍ପଷ୍ଟୀକରଣରେ ସେ କହିଛନ୍ତି, ସରପ୍ରାଇଜ ଭିଜିଟ କଲେ ପ୍ରକୃତ ସତ୍ୟତା ଜଣାପଡ଼ିବ। ସଦର ମହକୁମାଠାରୁ ବରିଷ୍ଠ ନାଗରିକ ନିବାସ ୧୨ କି.ମି ଦୂର। ଅନ୍ତେବାସୀଙ୍କୁ ଆଶୁଚିକିତ୍ସା ଯୋଗାଇଦେବା ପାଇଁ ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାକୁ ଛେଣ୍ଡିପଦା ସଦର ମହକୁମାକୁ ସ୍ଥାନାନ୍ତର କରାଯାଉଛି। ଫଳରେ ୩ ଦିନ ହେଲା ସାମାନ୍ୟ ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି। ଏ ନେଇ ଉପଜିଲାପାଳ ବାସୁଦେବ ଶତପଥୀ କୁହନ୍ତି, ବରିଷ୍ଠ ନାଗରିକ ଆଣିଥିବା ଅଭିଯୋଗର ତଦନ୍ତ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ କୁହାଯାଇଛି।



ଶ୍ରୀ ସାଇନାଥ ବରିଷ୍ଠ ନାଗରିକ ନିବାସ।

## ଖାଦ୍ୟ ଦୋକାନରେ ଚଢ଼ାଉ

**ଅନୁଗୋଳ ଅଫିସ,୫।୧୦**

ଅନୁଗୋଳ ସହରରେ ଥିବା ବିଭିନ୍ନ ଖାଦ୍ୟ ଦୋକାନରେ ମଙ୍ଗଳବାର ଅପରାହ୍ନରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରାଙ୍କ ଟିମ୍ ସହ ୧୫ ଦୋକାନରେ ଚଢାଉ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଅନିୟମିତତା ଅଭିଯୋଗରେ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖାଦ୍ୟ ଲାଇସେନ୍ସ ନ ଥିବା ଦୋକାନୀଙ୍କୁ ତାଗିଦ୍ କରିବା ସହ ଦୋକାନ ପରିଷ୍କାର ରଖିବା ପାଇଁ ପରାମର୍ଶ ଦିଆଯାଇଛି। ସହରର ବ୍ୟବସାୟୀମାନେ ଅପମିଶ୍ରିତ ତେଲରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରସା ଯାଉଥିବା ଅଭିଯୋଗ ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ବସ୍‌ଷ୍ଟାଣ୍ଡ, ଅମଲାପଡ଼ା, ଶିମିଳିପଡ଼ା, ହେମସୁରପଡ଼ା, ହରିମହୁରୀଛକ, ବଜାର ଛକ ପ୍ରମୁଖ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଡିଇଓ ଅଜିତ୍ ସାହୁ, ନୀଳାମ୍ବର ପ୍ରଧାନ, ଅବଧୂତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



